# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 October - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଶକ୍ତିପୀଠ ମାନଙ୍କରେ ମହାଅଷ୍ଟମୀ ଏବଂ ମଣ୍ଡପରେ ମହାସପ୍ତମୀରେ ମୃଣ୍ମୟୀ ମା' ଦୁର୍ଗାଙ୍କର ଚାଲିଛି ପୂଜାର୍ଚ୍ଚନା
- ପ୍ରଖ୍ୟାତ ଶିଳ୍ପପତି ଓ ଟାଟାଗ୍ରୁପର ପୂର୍ବତନ ଅଧ୍ୟକ୍ଷ ରତନ ଟାଟାଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ମୁମ୍ବାଇରେ ହେବ ଅନୁଷ୍ଠିତ
- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ଦେଉଥିବା ମାଗଣା ଚାଉଳ ଅବଧି ବୃଦ୍ଧି କରିବେ

ଏବଂ

- କାର୍ଯ୍ୟକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ନେଇ ଆଜି ପାଳିତ ହେଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

*Sonepur/BHK/Nayagarh*

# ନବରାତ୍ର ପୂଜା

ପୁରାଣ ଶାସ୍ତ୍ରରେ ମା' ଦୁର୍ଗାଙ୍କର ପୂଜାର୍ଚ୍ଚନା, ମୂଳ ସଂସ୍କୃତି ରଚିତ ଦେବୀ ମହାତ୍ମ୍ୟରୁ କିମ୍ବା ଚଣ୍ଡୀପାଠରୁ ସୃଷ୍ଟି ହୋଇଛି। ମା' ଦୁର୍ଗାଙ୍କର ପୂଜା ଭାରତ ବର୍ଷରେ ଅନ୍ୟୁନ୍ୟ ୧ ହଜାର ୫୦୦ ବର୍ଷ ତଳେ ଆରମ୍ଭ ହୋଇଥିବା ଅନୁମାନ କରାଯାଉଛି। ପଣ୍ଡିତ ମାନଙ୍କ ମତରେ ସିଂହବାହିନୀ ଦେବୀଙ୍କ ଅବଧାରଣା ସମ୍ଭବତଃ କୁଷାଣ ରାଜାମାନଙ୍କର ଶାସନ ସମୟରେ ଆରମ୍ଭ ହୋଇଥିଲା। ଦେଶର କୋଣ ଅନୁକୋଣେ ମା' ଦୁର୍ଗାଙ୍କର ପୂଜା ବହୁ ଆଡ଼ମ୍ବରରେ ଚାଲିଥିବା ବେଳେ ଓଡ଼ିଶାରେ ଏହି ପାରମ୍ପରିକ ପୂଜାର ଅନନ୍ୟ ଦୃଷ୍ଟାନ୍ତ ରହିଛି। ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ...

## - V/O -

ମଣ୍ଡପଗୁଡ଼ିକରେ ମୃଣ୍ମୟୀ ଦେବୀଙ୍କ ଷଷ୍ଠୀ ପୂଜା ବା ଚକ୍ଷୁଦାନ ଗତକାଲି କରାଯାଇଥିଲା । ଶକ୍ତିପୀଠ ଗୁଡ଼ିକରେ ଆଜି ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି । ମହାଅଷ୍ଟମୀ ଅବସରରେ ଆଜି ମା' କଟକଚଣ୍ଡୀ ଶ୍ରଦ୍ଧାଳୁମାନଙ୍କୁ ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି ।

ନୟାଗଡ଼ ରଣପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ମଣିନାଗର ପୀଠରେ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି। ମୂଳାଷ୍ଟମୀଠାରୁ ମା'ଙ୍କର ଷୋଳପୂଜା

ଆରମ୍ଭ ହୋଇଥିବା ବେଳେ ଆଜି  ମହାଷ୍ଟମୀ ଅବସରରେ ମା'ଙ୍କୁ ମହିଷା ମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଇଛି ।

ଭଦ୍ରକ ଜିଲ୍ଲାର ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ମା' ଜୟ ଦୁର୍ଗାଙ୍କ ରୀତିନୀତିକାନ୍ତିରେ ପୂଜା କରାଯାଇ ସିଂହବାହିନୀ ବେଶରେ ସଜ୍ଜିତ କରାଯାଇଛି । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ସମେତ ପ୍ରମୁଖ ଶକ୍ତିପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି ।

ଶାରଦୀୟ ପାର୍ବଣକୁ ନେଇ ସୁବର୍ଣ୍ଣପୁରର ଜିଲ୍ଲା ଉତ୍ସବ ମୁଖର ହୋଇଉଠିଛି । ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ଆଜି ଜୟ ଦୁର୍ଗା ବେଶରେ ଦର୍ଶନ ଦେଉଛନ୍ତି ।

***Desk***

# ରତନ ଟାଟାଙ୍କ ପରଲୋକ

ପ୍ରଖ୍ୟାତ ଶିଳ୍ପପତି, ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ପଦ୍ମ ବିଭୁଷଣ ରତନ ନାଭାଲ ଟାଟାଙ୍କର ଶେଷକୃତ୍ୟ ଆଜି ଅପରାହ୍ନ ୪ଟାରେ ମୁମ୍ବାଇର ଓ୍ୱାର୍ଲିଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଅନୁଷ୍ଠିତ ହେବ । ମିଳିଥିବା ସୂଚନା ଅନୁସାରେ, ପାର୍ସି ସମ୍ପ୍ରଦାୟର ପରମ୍ପରା ଅନୁସାରେ ରତନ ଟାଟାଙ୍କର ଶେଷକୃତ୍ୟ କରାଯିବ । ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବଡ଼ ବଡ଼ ଉଦ୍ୟୋଗପତି ସମେତ ସାଧାରଣ ଜନତା ଶେଷକୃତ୍ୟରେ ସାମିଲ ହେବେ ବୋଲି ଜଣାପଡ଼ିଛି । ଗତକାଲି ରତନ ଟାଟାଙ୍କର ମୁମ୍ବାଇର ଏକ ଡାକ୍ତରଖାନାରେ ୮୬ ବର୍ଷରେ

ପରଲୋକ ହୋଇଯାଇଥିଲା। ଦେଶ ଓ ବିଦେଶରେ ବ୍ୟବସାୟ କ୍ଷେତ୍ରରେ ଟାଟା ଗ୍ରୁପ୍‌କୁ ଶିଖରରେ ପହଞ୍ଚାଇବାରେ ରତନ ଟାଟା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୬୧ ମସିହାରେ ଟାଟା ଗ୍ରୁପ୍‌ରେ ଯୋଗଦେଇଥିବା ରତନ ଟାଟା ୧୯୯୧ ମସିହାରେ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଦାୟିତ୍ୱଗ୍ରହଣ କରିଥିଲେ । ୨୦୦୦ ମସିହାରେ ପଦ୍ମଭୂଷଣ ଏବଂ ୨୦୦୮ରେ ପଦ୍ମବିଭୂଷଣ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

***HS***

## ମାଗଣା ଚାଉଳ ଅବଧି ବୃଦ୍ଧି

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ମାଗଣା ଚାଉଳ ଅବଧି ବୃଦ୍ଧି କରିବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ରାଜ୍ୟର ନିଜସ୍ୱ ଯୋଜନାରେ ଚାଉଳ ଯୋଗାଣ ଅବଧି ବୃଦ୍ଧି କରାଯିବ। କେନ୍ଦ୍ର ସରକାର ଏହି ଯୋଜନାରେ ୨୦୨୮ ମସିହା ପର୍ଯ୍ୟନ୍ତ ମାଗଣା ଚାଉଳ ବଣ୍ଟନ ଅବଧି କରିଛନ୍ତି। ହିତାଧିକାରୀମାନେ ଏହି ଯୋଜନାର ଲାଭ ୨୦୨୮ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ପାଇପାରିବେ। ସୂଚନା ଅନୁସାରେ, ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ୨ କୋଟି ୩୦ ଲକ୍ଷ ଲୋକଙ୍କର ଇ-କେୱାଇସି ଶେଷ ହୋଇଛି। ଅବଶିଷ୍ଟ ପାଖାପାଖି ୧ କୋଟି ଲୋକଙ୍କର ଇ-କେୱାଇସି ବାକି ରହିଛି। ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ଇ-

କେଓ୍ୱାଇସି ପ୍ରକ୍ରିୟା ସରିବା ପରେ ନୂଆକାର୍ଡ ବଣ୍ଟନ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

**- V/O –**

***Desk***

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ମାନସିକ ଅସୁସ୍ଥତା ଜଣେ ଲୋକର ଶାରୀରିକ ସାମର୍ଥ୍ୟ ଏବଂ ସୃଜନଶୀତଳାକୁ ବିପର୍ଯ୍ୟସ୍ତ କରିଥାଏ । ସମାଜ ଏବଂ ରାଷ୍ଟ୍ରର ଉନ୍ନତି ପାଇଁ ଲୋକମାନଙ୍କର ମାନସିକ ସୁସ୍ଥତା ଅତ୍ୟନ୍ତ ଜରୁରୀ । କାର୍ଯ୍ୟସ୍ଥଳୀଗୁଡ଼ିକରେ କର୍ମଚାରୀମାନଙ୍କର ଶାରୀରିକ ସୁସ୍ଥତା ସହିତ ସେମାନଙ୍କର ମାନସିକ ସୁସ୍ଥତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଜଣେ ବ୍ୟକ୍ତି ବିଭିନ୍ନ ପରିସ୍ଥିତିରେ ମାନସିକ ଆଘାତର ସମ୍ମୁଖୀନ ହୋଇଥାଏ । ମାନସିକ ଭାରସାମ୍ୟ ହରାଇବା ସ୍ଥିତିର ମୁକାବିଲା କରିବା ଏବଂ ଏହା ସହ ଜଡ଼ିତ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବା ନେଇ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି ।

ଚଳିତ ବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ହେଉଛି 'କାର୍ଯ୍ୟକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି' । ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା, ଏହାର

ନିରାକରଣ ଏବଂ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଜଣେ ମାନସିକ ରୋଗରେ ଆକ୍ରାନ୍ତ ଡାକ୍ତରଙ୍କର ପରାମର୍ଶ ନେଲେ ଏହି ରୋଗରୁ ନିଶ୍ଚିତ ସୁଫଳ ମିଳିପାରିବ। ଭାରତରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ମଧ୍ୟରେ ଅବସାଦ, ସିଜୋଫିନିଆ, ଏନ୍‌ଜାଇଟି, ବାଇପୋଲାର ଡିଜଅର୍ଡର।

***HS***

## ମୁଖ୍ୟମନ୍ତ୍ରୀ– ଦୁର୍ଗାପୂଜା

ଶାରଦୀୟ ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଦୁର୍ଗାପୂଜା ମଣ୍ଡପଗୁଡ଼ିକ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ, ଆସନ୍ତାକାଲି ଭୁବନେଶ୍ୱରର ବିଭିନ୍ନ ମଣ୍ଡପ ବୁଲିବା ସହ ୧୨ ତାରିଖରେ କଟକରେ ପୂଜା ମଣ୍ଡପ ବୁଲିବେ। ମୁଖ୍ୟମନ୍ତ୍ରୀ ସେହିଦିନ ଅପରାହ୍ନ କେନ୍ଦୁଝର ଗସ୍ତ କରି ସେଠାରେ ଦୁର୍ଗାପୂଜା ସାମିଲ ହେବେ।

***Balangir***

## ଧାନ ଗୋଦାମଘର ସ୍ଥାପନ

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର କୁସୁମକାନିଠାରେ ଏକ ଧାନ ସଂଗ୍ରହ ପାଇଁ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେସ

ମୁଦଘାଟଠାରେ ଧାନ ବିହନ ପ୍ରକ୍ରିୟାକରଣ ଏବଂ ବିଶୋଧନ କରଣ ପାଇଁ ଏକ ଫାର୍ମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

***Kalahandi***

## ଦନ୍ତାହାତୀ ଉଦ୍ଧାର

କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଜାମପଡ଼ା ଗାଁରେ ଥିବା ଏକ ପରିତ୍ୟକ୍ତ କୂଅଁରେ ପଡ଼ିଥିବା ଦନ୍ତା ହାତୀକୁ ଉଦ୍ଧାର କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ହାତୀଟି କୂଅରେ ପଡ଼ିଯାଇଥିଲା। ବନବିଭାଗ କର୍ମଚାରୀମାନେ ଆଜି ସକାଳେ ମେସିନ ସାହାଯ୍ୟରେ ହାତୀଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ଛଡ଼ାଯାଇଛି।

***Mayurbhanj***

## ଶିମିଳିପାଳ ଅଭୟାରଣ୍ୟ ଖୋଲିଲା

ମୟୂରଭଞ୍ଜସ୍ଥିତ ଶିମିଳିପାଳ ଅଭୟାରଣ୍ୟ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ଗତ ଜୁନ୍ ମାସ ୩୦ ତାରିଖରୁ ବର୍ଷା ଋତୁ ପାଇଁ ଅଭୟାରଣ୍ୟକୁ ବନ୍ଦ ରଖାଯାଇଥିଲା। ପର୍ଯ୍ୟଟକମାନେ ଯଶିପୁରର ପିଥାବାଟା ଏବଂ କାୟାନୀ ଚେକଗେଟ୍ ଦେଇ ଅଭୟାରଣ୍ୟକୁ ପ୍ରବେଶ କରିପାରିବେ। ପିଥାବଟା ଚେକଗେଟ୍ ଦେଇ ୨୫ଟି ଯାନ ଯିବାର ବ୍ୟବସ୍ଥା ହୋଇଥିବା ବେଳେ ଯଶିପୁରର କାଳିଆଳି ଚେକ୍‌ଗେଟ୍ ଦେଇ ୩୫ଟି ଯାନ ପ୍ରବେଶ କରିବାର ବ୍ୟବସ୍ଥା ହୋଇଛି। ପର୍ଯ୍ୟଟକଙ୍କ ପାଇଁ ସମସ୍ତ ପ୍ରବେଶ ପଥରେ ୩୫ଟି ସଫାରୀ ଯାନ ମଧ୍ୟ ଉପଲବ୍ଧ କରାଯାଇଛି। କୁମାରୀ ରାମଥେଥ, ଗୁଡୁଗୁଡ଼ିଆ ଏବଂ ଯାମୁଆନୀ ସ୍ଥିତ ଗେଷ୍ଟହାଉସ୍‌ରେ

ପର୍ଯ୍ୟଟକଙ୍କ ପାଇଁ ରାତ୍ରୀ ରହଣିର ମଧ୍ୟ ସୁବିଧା ରହିଛି। ଚଳିତ ବର୍ଷ ପାର୍ବଣ ଋତୁ ପୂର୍ବରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆଗମନକୁ ଦୃଷ୍ଟିରେ ରଖି ଆଜିଠାରୁ ଅଭୟାରଣ୍ୟ ଖୋଲାଯାଇଛି।

*****